ନୀତିଦିନ NITIDIN

## ମଦ ଜବତ, ଜଣେ ଗିରଫ

**ନିଶ୍ଚିନ୍ତକୋଇଲି,୪।୫/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ୮ନଂ କେନାଲ ବନ୍ଧ ବୁହାଲୋ ଠାରେ ପାଟ୍ରୋଲିଂ କରୁଥିବା ସମୟରେ ଅବକାରୀ ବିଭାଗର କର୍ମଚାରୀମାନେ ଏକ ବାଇକ୍‌ରୁ ୧୨ଲିଟର ମଦ ଜବତ କରିଛନ୍ତି । ଖବରରୁ ପ୍ରକାଶ ଯେ ସାଲେପୁର ଅବକାରୀ ଥାନା ଅଧିକାରୀ ଅଭିରାମ ସାହୁଙ୍କ ନେତୃତ୍ୱରେ ପାଟ୍ରୋଲିଂ କରାଯାଉଥିବା ବେଳେ ବୁହାଲୋ ପୋଲ ନିକଟରୁ ଏକ ନମ୍ବରବିହୀନ ମଟରସାଇକେଲ ଜବତ କରିବା ବେଳେ ସେଥିରେ ମଦ ନେଇ ଯାଉଥିବା ଚାଳକ ସୁବାଷ ଚନ୍ଦ୍ର ପରିଡ଼ା(୪୨)ଙ୍କୁ ଧରିବାରେ ସଫଳ ହୋଇଥିଲେ । ଏହି ଚଢ଼ଉରେ ନିଶ୍ଚିନ୍ତକୋଇଲି ଅବକାରୀ ଥାନା ଅଧିକାରୀ ରାଜକିଶୋର ନାୟକ, ଏଏସ୍‌ଆଇ ଚିତ୍ତରଞ୍ଜନ ଦାସ, ଖଗେଶ୍ୱର ବେହେରା, ତୃପ୍ତିମୟୀ ପରିଡ଼ା ପ୍ରମୁଖ ସାମିଲ ଥିଲେ ।



## କଳାଙ୍ଗ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

**ବୋଲଗଡ଼,୪।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ କଳାଙ୍ଗ ପଞ୍ଚାୟତ 'ପଲ୍ଲୀରେ ପ୍ରଶାସନ' ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନସୁଧା କୃଷ୍ଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ । ସ୍ଥାନୀୟ ସରପଞ୍ଚ ସରୋଜିନୀ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମକେଶରୀ ସିଂହ ଓ ଏଡିଇଓ ନବଘନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଶିବିରରେ ମୋଟ ୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ତନ୍ମଧ୍ୟରୁ ୧୯ଟିର ତତ୍କାଳ ସମାଧାନ ହୋଇଥିଲା । ବଳକା ୨୧ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ମହିଳା ଓ ଶିଶୁବିକାଶ, କୃଷି, ଉଦ୍ୟାନ, ପଶୁଚିକିତ୍ସା, କୌଶଳବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଧିକାରୀ ଅଂଶଗ୍ରହଣ କରିଥିଲେ । ବ୍ଲକ୍ ମୁଖ୍ୟକିରାଣି ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କୃତୀ ୩ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କଣ୍ଟାପଡ଼ା,୪।୫/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ନିର୍ମଳ କୁମାର ସାହୁଙ୍କ ଏକମାତ୍ର ଭାଣେଜୀ ଓଲଟପୁର ବାଇରୋଇ ଗ୍ରାମର ଦେବପ୍ରିୟା ସାହୁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାବେଳେ ଇ-୧ ତାଲିକାରେ ଗୋପବନ୍ଧୁ ନୋଡାଲ ଉଚ୍ଚବିଦ୍ୟାଳୟର ମଣିକୁଣ୍ଡା ଗ୍ରାମର ବିଭୁ ପାତ୍ର ଓ ରାଜଲକ୍ଷ୍ମୀ ପାତ୍ରଙ୍କ ସୁକନ୍ୟା ସ୍ୱାତୀ ପ୍ରିୟଦର୍ଶିନୀ ବଡ଼ବିଲ ଗ୍ରାମର ମାନସ ଆଚାର୍ଯ୍ୟ ଓ ମନ୍ଦାକିନି ମିଶ୍ରଙ୍କ ସୁକନ୍ୟା ଏହି ତାଲିକାରେ ସାମିଲ ହେବାର ଗୌରବ ଆଣିଛନ୍ତି । ଟପ୍ପର୍ ହୋଇଥିବା ଦେବପ୍ରିୟାଙ୍କୁ ତାଙ୍କ ବାଇରୋଇ ସ୍ଥିତ ବାସଭବନରେ ପିଏମ ନୋଡାଲ ଉଚ୍ଚ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷିକା ପହଞ୍ଚି ଦେବପ୍ରିୟାଙ୍କୁ ଶୁଭାଶୀର୍ବାଦ କରିଥିଲେ । ଏପଟେ ସ୍ୱାତୀ ପ୍ରିୟଦର୍ଶିନୀ ଓ ସୋନାଲି ଆଚାର୍ଯ୍ୟଙ୍କୁ କଣ୍ଟାପଡ଼ା ସରପଞ୍ଚ ସଂଘ ସଭାପତି ତଥା ବ୍ରାହ୍ମଣବାଟୀ ଗ୍ରାମପଞ୍ଚାୟତର ସରପଞ୍ଚ ସଂଜୟ କୁମାର ରାଉତରାୟ ମଧ୍ୟ ଫୁଲ ତୋଡ଼ା, ଉତ୍ତରୀୟ ଓ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିବା ଜଣାପଡ଼ିଛି ।

## ଚୋରା ମଦ ବ୍ୟବସାୟୀଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶ

**ବାଲୁଗାଁ,୪।୫/ଏନ୍‌ଏନ୍‌ଏସ୍:** ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ଚୋରା ମଦ ବିକ୍ରି ମାମଲାର ବିଚାର କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା କାଲୁପଡା ନିକଟ ଉଆସପଦର ଗ୍ରାମର ବ୍ରଜ ସ୍ୱାଇଁ(୫୫) । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ପ୍ରକାଶ ଯେ, ଗତ ୨୦୨୪ ମସିହା ଜୁନ ମାସ ୨୨ ତାରିଖ ଅପରାହ୍ନ ୫ ଘଟିକା ସମୟରେ ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ନାରାୟଣ ଜେନା ସଦଳବଳେ କାଲୁପଡା ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଜଣେ ବ୍ୟକ୍ତି ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ଧରି ଯାଉଥିବା ବେଳେ ଅବକାରୀ କର୍ମଚାରୀ ସନ୍ଦେହକରି ଉକ୍ତ ବ୍ୟାଗ ତାଲାସିବାରେ ସେଥିରୁ ୨୪ଟି ପାଉଚ୍ ମହୁଲି ମଦ ଜବତ କରିଥିଲେ । ପରବର୍ତ୍ତୀ ସମୟରେ ଏହି ମାମଲାଟି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରଧୀନ ଥିଲା । ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଗତ ଶନିବାର ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରୁଥିଲେ ।

## ଗରୁଡ଼େଶ୍ୱରଙ୍କ ପୀଠରେ ଭାଗବତ

**ପୁରୀ,୪।୫/ଏନ୍‌ଏନ୍‌ଏସ୍:** ପୁରୀ-କୋଣାର୍କ ରୋଡ୍ ବାଲିଘାଇ ନିକଟସ୍ଥ ଗରୁଡ଼େଶ୍ୱର ମହାଦେବ ମନ୍ଦିର ପରିସରରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ମଠ ମନ୍ଦିରରେ ଭାଗବତ କାର୍ଯ୍ୟକ୍ରମରେ ଯୋଗଦେଇ ଭାଗବତର ଶ୍ରୋତାଟିଏ ହୋଇ ମଣିଷ ମୋକ୍ଷ ଲାଭ କରୁ ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ର । ବିଶିଷ୍ଟ ଭାଗବତ ପ୍ରବଚିକା ନିର୍ମଳା ଫତେସିଂହ, ଭାଗବତର ଷଷ୍ଠ ସ୍କନ୍ଧ ଅଜାମିଳ ଉପାଖ୍ୟାନ ଉପରେ ପ୍ରବଚନ ରଖିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଡକ୍ଟର ବାବୁଲା ବେହେରା ଓ କାକଟପୁରର ବିଶିଷ୍ଟ ଧର୍ମ ସଂଗଠକ ମଙ୍ଗରାଜ କରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖିଆ ଅର୍ଜୁନ ନାୟକ, ଶନି ମହାରାଜଙ୍କ ସେବକ ବିଶ୍ୱଜିତ ମିଶ୍ର, ଗରୁଡେଶ୍ୱରଙ୍କ ସେବକ ମଲ୍ଲିଫୁଲିଆ ମହାପାତ୍ର, ହାଇକୋର୍ଟର ଅଧିବକ୍ତା ରଶ୍ମିରଞ୍ଜନ ଦାଶ, ନ୍ୟାସନାଲ୍ ମିଡ଼ିଆ ଫାଉଣ୍ଡେସନ ନୂଆଦିଲ୍ଲୀ ଓଡ଼ିଶା ଚାପ୍ଟରର ରାଜ୍ୟ ସଂପାଦକ ଗଙ୍ଗାନାରାୟଣ ନନ୍ଦ, ଭାଗବତ ପ୍ରେମୀ ସୁଲୋଚନା ମିଶ୍ର, ପରିଚାଳିକା ସୁନନ୍ଦା ପଟ୍ଟନାୟକ ଓ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ରଙ୍କ ସମେତ ଆଖପାଖ ଅଞ୍ଚଳର ଶହଶହ ଗ୍ରାମବାସୀ ଯୋଗଦେଇଥିଲେ । ଭାଗବତର ପ୍ରଚାର ପ୍ରସାର ପାଇଁ ମନ୍ଦିର କମିଟି ପକ୍ଷରୁ ପ୍ରବଚିକା ନିର୍ମଳା ଫତେସିଂହଙ୍କୁ ସମ୍ମାନିତ କରାଯାଇଥିଲା ।

## ଝାଲ୍‌ମୁଢ଼ି ବାଣ୍ଟିଲେ ବିଜେପି କର୍ମୀ

**ଓଡ଼ଗାଁ,୪।୫/ଏନ୍‌ଏନ୍‌ଏସ୍:** ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସମେତ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି । ବିଜେପିର ବହୁ ସଂଖ୍ୟକ ବିଜୟ ସହିତ ୩ ରାଜ୍ୟରେ ବିଜେପି ସରକାର ଗଠନ କରିବା ନିଶ୍ଚିତ ହୋଇଯାଇଛି । ଏହା ଜାଣିବା



ପରେ ବିଜେପି କର୍ମୀଙ୍କ ମଧ୍ୟରେ ଖୁସିର ମହୋଲ ଦେଖିବାକୁ ମିଳିଛି । ଓଡ଼ଗାଁ ବିଜେପି ପକ୍ଷରୁ ଆଜି ସନ୍ଧ୍ୟାରେ ହନୁମାନ ଛକ ଠାରେ ସାଧାରଣଙ୍କୁ ଝାଲ୍ ମୁଢ଼ି ବାଣ୍ଟିବା ସହିତ ମିଠା ନିଜଭିତରେ ଝାଲମୁଢି ଓ ମିଠାଖାଇ ଖୁସି ମନାଇଥିଲେ । ବିଜେପି କର୍ମୀ ସୁଶାନ୍ତ କୁମାର ସାହୁ, ଜଗନ୍ନାଥ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ପଣ୍ଡା,କାର୍ତ୍ତିକ ପଣ୍ଡା, ମାନସ ସାହୁ, ତପନ ସାମନ୍ତରା, ବାଦଲ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶତାଧିକ ବିଜେପି କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ ।

### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ବିକଳଚିତ୍ର

# ୩ ବର୍ଷ ପରେ କାମ ଆରମ୍ଭକରି ଠିକାଦାର ଗାଏବ୍

**ଓଡ଼ଗାଁ,୪।୫/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କେନ୍ଦ୍ରସରକାର ଗାଁକୁ ଗାଁ ସହିତ ସଂଯୋଗ କରିବାକୁ ପାଣିଭଳି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ସେସବୁ ବେକାର । ନାଁ ରାସ୍ତା ନିର୍ମାଣ ହେଉଛି କି ଲୋକେ ଏହାର ସୁବିଧା ପାଉଛନ୍ତି । କେବଳ ବର୍ଷକୁ ବର୍ଷ ଫଳକ ନବୀକରଣ କରି କାମସାରି ଦିଆଯାଉଛି । ୩ବର୍ଷ ପରେ ଠିକାଦାର କାମଆରମ୍ଭ କରି ଗାଏବ୍ ହୋଇଯାଇଥିବା ଜଣାପଡ଼ିଛି । ଓଡ଼ଗାଁ ଏନ୍‌ଏସିର ୨୧ନଂ ରାଜ୍ୟ ରାଜପଥର କଦଳିବନ୍ଧ ଠାରୁ କୈବଲ୍ୟପୁର ଦେଇ ଆମ୍ବରାପୁର ରାସ୍ତା କାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରକାଶଥାଉ କି ୨୦୨୨–୨୩ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଦଳୀବନ୍ଧ ଠାରୁ କୈବଲ୍ୟପୁର ଦେଇ ଆମ୍ବରାପୁର ରାସ୍ତାନିମାର୍ଣ ପାଇଁ ୨କୋଟି ୭୫ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା । ୬କିଲୋମିଟର ୮୧୦ ମିଟର ରାସ୍ତା ନିର୍ମାଣ କରିବାପାଇଁ ଠିକାଦାର ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ନିକଟସ୍ଥ ଦେଉଳିଧରପୁର ଗ୍ରାମର ଲିଲିପ କୁମାର ଜେନା ଟେଣ୍ଡର ମାଧ୍ୟମରେ କାମକୁ ନେଇଥିଲେ । କାମ ୨୦ ଜୁନ୍ ୨୦୨୨ରେ ଆରମ୍ଭହୋଇ ୧୯ ମଇ ୨୦୨୩ରେ ସାରିବାକୁ ସମୟ ଧାର୍ଯ୍ୟ ରହିଥିଲା । କିନ୍ତୁ ଠିକାଦାରଙ୍କ ମନମାନି ଯୋଗୁ ଟେଣ୍ଡର ହେବାର ୩ବର୍ଷ ବିତି ଯାଇଥିଲେ ମଧ୍ୟ



ଠିକାଦାର କାମ ନକରି ବିଭିନ୍ନ ବାହାନା ଦେଖାଇ ଚାଲିଥିବା ଜଣାପଡ଼ିଥିଲା । ଏହି ରାସ୍ତାଦେଇ ପ୍ରତିଦିନ ଶହଶହ ଲୋକ ଯାତାୟାତ କରୁଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପ୍ରତି କେବେ ଗୁରୁତ୍ୱ ଦେଇନଥିଲା । କେବଳ ରାସ୍ତା ଉପରେ ଜନସାଧାରଣ ନିର୍ଭର କରୁଛନ୍ତି ତାହା ନୁହଁ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ରୋଗୀ ପ୍ରତିଦିନ ଯାତାୟାତ କରିଥାନ୍ତି । ରାସ୍ତାର ଅବସ୍ଥା ଏଭଳି ହୋଇଛି ତାହା ନଦେଖିଲେ ସହଜରେ ବୁଝିପଡ଼ିବନି । ଏବେ ଲୋକଙ୍କ ପାଇଁ ରାସ୍ତା ମରଣଯନ୍ତା ପାଲଟିବା ପରେ ଠିକାଦାରଙ୍କ ନିଦ ଭାଙ୍ଗିଥିଲା ଓ ଆସି କାମ ଆରମ୍ଭ କରିଥିବା ଦେଖାଯାଇଛି । ହେଲେ ୪ କିଲୋମିଟର ପିଚୁ ରାସ୍ତାକରି ଠିକାଦାର ଚମ୍ପଟ ମାରିଥିବା ସ୍ଥାନୀୟ ଲୋକେ କହିଛନ୍ତି । ରାସ୍ତା ନିର୍ମାଣରେ ପିଚୁ ୫.୪ଶହ କିଲୋମିଟର ଥିବାବେଳେ କଂକ୍ରିଟ ରାସ୍ତା ଦେଢଶହ ମିଟର ରହିଛି । ଏଥିରେ ୪ଟି କଲର୍ଭଟ ଥିବା ମଧ୍ୟ ଜଣାପଡ଼ିଛି । ବଡ଼କଥା ହେଉଛି ଟେଣ୍ଡର ହେବାକୁ ୩ ବର୍ଷ ପୂରିଥିଲେ ମଧ୍ୟ ତାହା ବାତିଲ କରି ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କାହିଁକି । ରାସ୍ତା ଉପରେ ଶହଶହ ଜନସାଧାରଣ ନିର୍ଭରଶୀଳ ଥିଲେ ମଧ୍ୟ ବିଭାଗ ଗୁରୁତ୍ୱ ନଦେବା ପଛରେ କି ରହସ୍ୟ ରହିଛି । ଯଦି ଓଡ଼ଗାଁ ଏନ୍‌ଏସିରେ ଏଭଳି ଅବସ୍ଥା ଦେଖାଦେଇଛି ତେବେ ଉପାନ୍ତ ଅଞ୍ଚଳରେ କିଭଳି ଅବସ୍ଥା ରହିଥିବ ତାହା ସହଜରେ ଅନୁମାନ କରିହେଉଛି । ଏହି ଘଟଣାରେ ଯନ୍ତ୍ରୀ ସଞ୍ଜିବ କୁମାର ରଥ ଠିକାଦାର କାମ ଆରମ୍ଭ କରିଛି ଆଉ କିଛି କାମ ବାକି ରହିଛି, ପିଚୁ ଦାମ ବୃଦ୍ଧି ଯୋଗୁ ଠିକାଦାର କାମ ବନ୍ଦକରି ଚାଲିଯାଇଛି । ଆମେ ଠିକାଦାରକୁ ତାଗିଦ୍ କରିଛୁ କାମ ଖୁବ୍‌ଶିଘ୍ର ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ସେପ୍ଟେମ୍ବର ୧ରୁ ପୁରୀରେ ଭାଗବତ କଥା



**ପୁରୀ,୪।୫/ଏନ୍‌ଏନ୍‌ଏସ୍:** ଉତ୍ତରପ୍ରଦେଶ ବୃନ୍ଦାବନ ସ୍ଥିତ ବାତ୍ସଲ୍ୟ ଗ୍ରାମ ପରମ ଶକ୍ତିପୀଠ ତରଫରୁ ବଳିଆପଣ୍ଡା ସ୍ଥିତ ସେଭେନ ହିଲ୍ ହୋଟେଲ ପରିସରରେ ଚଳିତବର୍ଷ ୧ ରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ସାପ୍ତାହିକ ଶ୍ରୀମଦ ଭାଗବତ କଥା ଆୟୋଜିତ ହେବାକୁ ଯାଉଛି । କଥା ବ୍ୟାସ ରୂପେ ଭାରତ ବର୍ଷର ଚର୍ଚ୍ଚିତ ଚେହେରା ଉତ୍ତରପ୍ରଦେଶ ବୃନ୍ଦାବନ ସ୍ଥିତ ବାତ୍ସଲ୍ୟଗ୍ରାମ ପରମ ଶକ୍ତିପୀଠର ମୁଖ୍ୟ ଦିଦିମା ତଥା ଶ୍ରୀରାମ ମନ୍ଦିର ଆନ୍ଦୋଳନର ମୁଖ୍ୟ ନାୟିକା ପଦ୍ମଭୂଷଣ ସ୍ୱାଧୀ ଋତୁମ୍ଭରା ଜୀ ନିଜର ଔଜସ୍ୱିନୀ ଶବ୍ଦ ସଂଯୋଜନା ମାଧ୍ୟମରେ ଭାଗବତ କଥା ବାଚନ କରିବେ । ଏହି ପରିପ୍ରେକ୍ଷୀରେ ପୁରୀ ସର୍କିଟ ହାଉସ ଠାରେ ପୁରୀ ଲୋକସଭା ସାଂସଦ ଡଃ ସମ୍ବିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶକ୍ତିପୀଠର ସ୍ୱାଧୀ ଶିରୋମଣୀ ଜୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଜୟ ଭଗବାନ ଅଗ୍ରୱାଲ, ଓଡିଶାର ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଉମେଶ ଖଣ୍ଡେଲୱାଲ, ରାକେଶ ଦାସ, ପ୍ରଶାନ୍ତ ସାହୁ, ବେଲ୍ଲା ଗାନ୍ଧୀ, ଗଣମାଧ୍ୟମ ସଂଯୋଜକ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଦେଶବିଦେଶରୁ ୧ହଜାର ଶ୍ରଦ୍ଧାଳୁଙ୍କ ସମେତ ସାଧୁ, ସନ୍ଥ, ଜଗତଗୁରୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ମନ୍ତ୍ରୀମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ସାଂସଦ ଶ୍ରଦ୍ଧାଳୁ ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପୁରୀ ଧାମରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୁରୀରେ ପଚାଶ ଏକର ଜମିରେ ବୃନ୍ଦାବନର ବାତ୍ସଲ୍ୟ ଗ୍ରାମ ଭଳି କନ୍ୟା ସନ୍ତାନ ବାଳିକାମାନଙ୍କ ସାମରିକ ଶିକ୍ଷା ମହାବିଦ୍ୟାଳୟ ମାଧ୍ୟମରେ ପ୍ରଶିକ୍ଷିତ କରାଯାଇ ଦେଶର ସେନା ବାହିନୀରେ ନିୟୋଜିତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ବୈଠକ ପରେ ପ୍ରତିନିଧି ମଣ୍ଡଳୀ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ସହିତ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ ।

## ସମ୍ବର୍ଦ୍ଧିତ ହେଲେ ସମସ୍ତ ଏ -୧ ଛାତ୍ରଛାତ୍ରୀ

**ବେଗୁନିଆ,୪।୫/ଏନ୍‌ଏନ୍‌ଏସ୍:** ପ୍ରକାଶିତ ମାଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୮ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସୋମବାର ପୂର୍ବାହ୍ନରେ ବେଗୁନିଆ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ମେଧା ସମ୍ବର୍ଦ୍ଧନା ଉତ୍ସବରେ ଉପନିବନ୍ଧକ ଅମିତ କୁମାର ସେଠୀ ସମସ୍ତ କୃତୀ ଶିକ୍ଷାର୍ଥୀଙ୍କୁ ଉତ୍ତରୀୟ, ମାନପତ୍ର ଓ ଫୁଲତୋଡ଼ା ସହ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କାର ପ୍ରୋତ୍ସାହନ ରାଶି ନଗଦ ଚେକ୍ ଆକାରରେ ପ୍ରଦାନ କରିଥିଲେ । ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଣ୍ଟାବାଡ଼ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀ(୫୫୬), ଗଁପୁର ଭବାନୀଶଙ୍କର ଉଚ୍ଚବିଦ୍ୟାଳୟର ଛାତ୍ରୀ ସ୍ମୃତି ସିମରନ ପଣ୍ଡା (୫୫୨), ଡାଳତୋଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ସାହୁ(୫୪୬), ସିକୋ ପିଏମ୍‌ଶ୍ରୀ ଚନ୍ଦ୍ରଶେଖର ଦେବ ହାଇସ୍କୁଲର ଛାତ୍ର ଦୀପକ କୁମାର ସାହୁ(୫୪୫ ), ସିକୋ ପଣ୍ଡିତ ଦାଶରଥୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଷ୍ଣୁପ୍ରିୟା ମଙ୍ଗରାଜ(୫୪୧), ସିକୋ ପିଏମ୍‌ଶ୍ରୀ ଚନ୍ଦ୍ରଶେଖର ଦେବ ହାଇସ୍କୁଲର ଛାତ୍ରୀ ପ୍ରଜ୍ଞା ପାରମିତା ସାହୁ(୫୪୦), ବଡ଼ବେରଣା ଡିକେଏସଏନ ବିଦ୍ୟାପୀଠର ଛାତ୍ର ସତ୍ୟବ୍ରତ ମହାପାତ୍ର(୫୪୦) ଓ ବେଗୁନିଆ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ର ସୁରଜ ପ୍ରଧାନ(୫୪୦) ପ୍ରମୁଖ ସାମିଲ୍ ଥିଲେ ।

## ମା' ବାଗ୍‌ଦେବୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

**ଓଡ଼ଗାଁ,୪।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ନିକଟ ପଞ୍ଚୁପାଣ୍ଡବ ପାହାଡ ପାଦଦେଶର ପ୍ରାକୃତିକ ପରିବେଶ ମଧ୍ୟରେ ବିରାଜିତ ମା'ବାଗଦେବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସୋମବାର ସକାଳେ ବେଦଜ୍ଞ ବ୍ରାହ୍ମଣ ପରିବାରରେ ସନ୍ତୋଷ କୁମାର ତ୍ରିପାଠୀ, ଲିଙ୍ଗରାଜ ତ୍ରିପାଠୀ, ନୃସିଂହ ପ୍ରସାଦ ଶତପଥୀ, ଜଗମୋହନ ମିଶ୍ର, ଜଗନ୍ନାଥ ମିଶ୍ର, ଚିନ୍ମୟ ମିଶ୍ର, ତୋଫାନ କୁମାର ତ୍ରିପାଠୀ, ବିଶ୍ୱଭୂଷଣ କର, ଅରୁଣ କୁମାର ତ୍ରିପାଠୀ,ହେମନ୍ତ ହୋତାଙ୍କ ଦ୍ୱାରା ସମସ୍ତ ନିତିକାନ୍ତି ଓ ପୂଜାବିଧି ସହିତ ଚଣ୍ଡିପୋଖରୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି କଳସ ଶୋଭାଯାତ୍ରାରେ ଆଣି ମା' ଙ୍କ ପୀଠରେ ପହଞ୍ଚିଥିଲେ । ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୂତି ପ୍ରଦାନ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ଓ ରତ୍ନମୁଦ କାର୍ଯ୍ୟ ସମାପନ ହୋଇଥିଲା । ମା'ବାଗଦେବୀଙ୍କ ନବନିର୍ମିତ ମନ୍ଦିର ଶିଖରରେ ଧାନ, ଚାଉଳ, ବିରି, ମୁଗ, ସୁନା, ରୂପା,ଟଙ୍କା,ପଇସା ଇତ୍ୟାଦି ଭର୍ତ୍ତିକରି ମନ୍ଦିରର ଦଧିନଉତି ସ୍ଥାପନ କରାଯାଇଥିଲା । କୁରାଳର ବରପୁତ୍ର ସ୍ୱର୍ଗତ ପଣ୍ଡିତ ସନାତନ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ପ୍ରଫେସର ଗୋଦାବରୀଶ ମିଶ୍ର ଓ ତାଙ୍କ ଧର୍ମପତ୍ନୀ କଲ୍ୟାଣୀ ମିଶ୍ର କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ ।



ପ୍ରଚଣ୍ଡ ଖରାସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାସହ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପୁରା ପରିବେଶ । ସରପଞ୍ଚ ବିଜନ ପାଇକରାୟ, ସୁରେଶ ପ୍ରଧାନ, ନବୀନ ସାହୁ, ସୁବାସ ପ୍ରଧାନ, ସୀମାଞ୍ଚଳ ସାହୁ, ବିରଞ୍ଚି ସାହୁ, ପାଣୁ ଖଟେଇ, ଶାନ୍ତନୁ ଚୌଧୁରୀ, ଟୁନା ଦାସ, ବିଭୁପ୍ରସାଦ ମହାରଣା କାର୍ଯ୍ୟ ପରିଚାଳନା ଓ କୁରାଳ ସମେତ ଗିରିଡିପଲ୍ଲୀ ଓ ସୁନାମୁହିଁ ପଞ୍ଚାୟତବାସୀ ସହଯୋଗ କରିଥିଲେ ।

## ଜାତିସଂଘର ଆବାସିକ ସମନ୍ୱୟକାରୀ ଅଧିକାରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ,୪।୫/ଏନ୍‌ଏନ୍‌ଏସ୍:** ସୋମବାର ଅପରାହ୍ନରେ ଭାରତରେ ଜାତିସଂଘର ସର୍ବୋଚ୍ଚ ପ୍ରତିନିଧି ଭାବେ ଅବସ୍ଥାପିତ ଜାତିସଂଘର ଆବାସିକ ସମନ୍ୱୟକାରୀ ଅଧିକାରୀ ଷ୍ଟିଫାନ ପ୍ରିଜନର୍ ୪ ଦିନକିଆ ଓଡ଼ିଶା ଗସ୍ତରେ ଆସି ଆଜି କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି । ସେ ସସ୍ତ୍ରୀକ ପ୍ରଥମେ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପୂର୍ବରୁ ଉପସ୍ଥିତ ଥିବା ପର୍ଯ୍ୟଟକ ସହ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡା ସ୍ୱାଗତ ଜଣାଇ ସୂର୍ଯ୍ୟମନ୍ଦିର ପରିସରକୁ ପାଛୋଟି ନେଇଥିଲେ । ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ମନ୍ଦିରର ପଥର ରେ ଖୋଦିତ ସୂକ୍ଷ୍ମ କଳା କାରୁକାର୍ଯ୍ୟକୁ ଦେଖି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ । ବରିଷ୍ଠ ଗାଇଡ୍ ବିଶେଶ୍ୱର ଦାସଙ୍କ ଠାରୁ ଟିକିନିଖି ବୁଝି ଖୁବ ପ୍ରଶଂସା କରିଥିଲେ । କୋଣାର୍କ ପୁଲିସ ପକ୍ଷରୁ ବରିଷ୍ଠ ପୋଲିସ ଅଧିକାରୀ କେଦାର ଚନ୍ଦ୍ର ଦୋରାଙ୍କ ତତ୍ତ୍ୱାବଧାନରେ ତାଙ୍କର ସୁରକ୍ଷା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ସୂର୍ଯ୍ୟମନ୍ଦିର ବୁଲି ସାରି ସେ ଭୁବନେଶ୍ୱର ଅଭିମୁଖେ ଫେରିଯାଇଥିଲେ ।

## ବିଶ୍ୱ ହାସ୍ୟ ଦିବସରେ ଡ. କୁଳାଙ୍ଗାରଙ୍କୁ 'ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ'



**ନୟାଗଡ଼,୪।୫/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ବେଶ ଧୁମଧାମରେ ପାଳିତ ହୋଇଯାଇଛି । ନୟାଗଡ଼ ପୁରୁଣାସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମନା ଯଦୁମଣି ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଏବଂ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ଚଳଚିତ୍ର ଜଗତର ଲୋକପ୍ରିୟ କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ଡ.କୁଳାଙ୍ଗାର, ସତ୍ୟାନାଶ,ରବୀନ୍ଦ୍ର ରାଉତ, ବିଭୁ ମିଶ୍ର,ସଚିକାନ୍ତ ବେହେରା, ପ୍ରତାପ ସାହୁ ଏବଂ ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବ୍ୟଙ୍ଗ କବିମାନେ ଯୋଗ ଦେଇଥିଲେ । ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ 'ଉତ୍କଳଘଣ୍ଟ ହାସ୍ୟ ରସିକ ଉପାୟନ-୨୦୨୬' ବ୍ୟଙ୍ଗବାଗୀଶ ଡ. କୁଳାଙ୍ଗାରଙ୍କୁ ପ୍ରଦାନ ସହିତ ନଗଦ ୨୧ହଜାର ଟଙ୍କା ପୁରସ୍କାର ରାଶି, ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଅନୁରୂପ ଭାବେ ଅନ୍ୟ ହାସ୍ୟ କଳାକାରମାନଙ୍କୁ ମଧ୍ୟ ଉପଢୌକନ ଏବଂ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନୁଷ୍ଠାନର ସମ୍ପାଦକ ନିର୍ମଳ ଶୁରଦେଓ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶେଖ ଅବଦୁଲ ଖାଲିକ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିକାଶ ପରିଷଦ ପକ୍ଷରୁ ଟପ୍ପର୍‌ଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୪।୫/ଏନ୍‌ଏନ୍‌ଏସ୍:** ବୟାଳିଶମୌଜା ବିକାଶ ପରିଷଦ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ୪୨ ମୌଜାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପରିଷଦ ପକ୍ଷରୁ ସଭାପତି ଆଡ଼ଭୋକେଟ କେଶବ ଚନ୍ଦ୍ର କରଙ୍କ ପରାମର୍ଶ କ୍ରମେ ସେମାନଙ୍କ ବାସଭବନକୁ ଯାଇ ପରିବାରଙ୍କ ଗହଣରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ରହ୍ମପୁର ଗ୍ରାମର ସୁଶ୍ରୀ ଶ୍ରୁତିଲୀକା ଦେବତା ୫୫୩ ନମ୍ବର ଓ ଦ୍ୱିତୀୟ ବଉଳକୁଦ ଗ୍ରାମର ଅଙ୍କିତ ଅଂଶୁମାନ ୫୫୨ ନମ୍ବର(ଉଭୟେ ସରସ୍ୱତୀ ଶିଶୁ ମନ୍ଦିର ବେଣ୍ଟକାରଠାରେ



ଅଧ୍ୟୟନ କରୁଥିଲେ), ତୃତୀୟ ସ୍ଥାନ ଅଧିକାର କରିଥିବା ଯୁଗ୍ମକୃତୀ ଛାତ୍ର ଠାକୁରସାହି ବରାଳ ଗ୍ରାମର ସାଇସତ୍ୟ ସାହୁ ୫୪୨ ନମ୍ବର, ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ନାଥ ନୋଡାଲ ବିଦ୍ୟାପୀଠ ବରାଳ ଠାରେ ଅଧ୍ୟୟନ କରୁଥିଲେ ଓ କୂଳସରିଚୁଆଁ ଗ୍ରାମର ସମୃଦ୍ଧି ମହାପାତ୍ର ୫୪୨ ନମ୍ବର ରଖିଛନ୍ତି କୂଳସରିଚୁଆଁ ନୋଡାଲ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ । ବିକାଶ ପରିଷଦର ସଭ୍ୟ ମାନେ ଏହି ୪ଜଣ ପିଲାମାନଙ୍କ ବାସଭବନକୁ ଯାଇ ତାଙ୍କ ପରିବାରଙ୍କ ଗହଣରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଗକୁ ଅଧିକ ପରିଶ୍ରମ କରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିବାକୁ ପରାମର୍ଶ ଦେବା ସହ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମରେ ୪୨ମୌଜା ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି, ଉପଦେଷ୍ଟା ପ୍ରମୋଦ ମହାପାତ୍ର, ବରିଷ୍ଠ ସଭ୍ୟ ସୁବାଷ ସାହୁ, ଦୀପ୍ତି ରଞ୍ଜନ ଶତପଥୀ, ସନ୍ତୋଷ ସାହୁ, ରବୀନ୍ଦ୍ର ଦେବତା, ଦୀନବନ୍ଧୁ ସାମଲ, ନାରାୟଣ ଭୋଇ, ସତ୍ୟଜିତ ପ୍ରଧାନ ଓ ବିକ୍ରମ କିଶୋର ପତି ପ୍ରମୁଖ ଉପସ୍ଥିତ ଥିଲେ ।

## 'ଏ' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ କୃତୀ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୪।୫/ଏନ୍‌ଏନ୍‌ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ସ୍ଥାନୀୟ ଗୌରବମୟ ସର୍ବପୁରାତନ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଏ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ କୃତୀ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପରିସରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ବିଦ୍ୟାଳୟର ଛାତ୍ର ରୁଦ୍ରନାରାୟଣ ବିଶ୍ୱାଳ ଓ ସୂର୍ଯ୍ୟନାରାୟଣ ଲେଙ୍କାଙ୍କ ସମେତ ଏ୨ ଗ୍ରେଡରେ ଉତ୍ତୀର୍ଣ୍ଣ ବିଦ୍ୟାଳୟର ଛାତ୍ର ରୋନକ ବରାଳ, ଶେଫାଳି ଦାସ, ଆଦିତ୍ୟ କୁମାର ସ୍ୱାଇଁ, ଫାତ୍‌ମା ପରଭ୍ଜିନ, ରୋମିଓ ରୋଶନ ରାଉତ, ପ୍ରିୟାଂଶୁ ଶେଖର ମଲ୍ଲ,




ସୌମ୍ୟଜିତ୍ ପରିଡ଼ା, ନେଶତ୍ ଅଞ୍ଜୁମ ରହେମାନ, ପ୍ରିତୀପ୍ରଜ୍ଞା ସ୍ୱାଇଁ, ଶୁଭ୍ରାଂଶୁ ସାହୁ ଓ କୈବଲ୍ୟନାଥ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଲୁମିନି କମିଟି ପ୍ରତିନିଧି ଶିକ୍ଷାବିତ ପୀତବାସ ଦୀକ୍ଷିତ କୃତୀ ଶିକ୍ଷାର୍ଥୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ, ଶିକ୍ଷୟିତ୍ରୀ ସରୋଜନି ହାଁସଦା, ଗୀତାଞ୍ଜଳି ବେହେରା, କାବେରୀ ସେଠି, ସ୍ୱପ୍ନାମୟୀ ମହାପାତ୍ର, ସ୍ୱର୍ଣ୍ଣଲତା ପାଣି, ବେବିନା ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ପାଲ, ସାଗରିକା ମଲ ପ୍ରମୁଖ ପରିଚାଳନା କରିଥିଲେ ।

